# ଶ୍ରୀ କିରୀଟ ଯୋଶୀ : ଶ୍ରଦ୍ଧାଞ୍ଜଳି

ଅସାଧାରଣ ପାଣ୍ଡିତ୍ୟ ସହ ବିନୟବୋଧର ସ୍ୱାଭାବିକ ସହାବସ୍ଥାନ – ତାହାହିଁ ଥିଲା ଶ୍ରୀ କିରୀଟ ଯୋଶୀଙ୍କର ସର୍ବୋତ୍କୃଷ୍ଟ ପରିଚୟ ।

ସଚରାଚର କିରୀଟ ଭାଇ ଭାବରେ ସମ୍ବୋଧିତ ଶ୍ରୀ ଯୋଶୀ ୧୯୩୧ରେ ଜନ୍ମଗ୍ରହଣ କରିଥିଲେ ଗୁଜୁରାଟର ଏକ ବିଶିଷ୍ଟ ପରିବାରରେ । ସେତେବେଳର ସୌରାଷ୍ଟ୍ର ବିଧାନ ସଭାରେ ତାଙ୍କ ପିତା ଥିଲେ ବାଚସ୍ପତି ।

ମୁମ୍ବାଇର ବିଖ୍ୟାତ ଏଲ୍‌ଫିନ୍‌ଷ୍ଟୋନ୍ କଲେଜରୁ ଉତ୍ତୀର୍ଣ୍ଣ କିରୀଟ ଭାଇ ୧୯୫୫ରେ ଭାରତୀୟ ପ୍ରଶାସନ ସେବା (IAS) ନିମନ୍ତେ ମନୋନୀତ ହେଲେ । (ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ତତ୍କାଳୀନ ବମ୍ବେ ରାଜ୍ୟର ରାଜ୍ୟପାଳ ଥିବାବେଳେ କିରୀଟ ଭାଇ ସେଠାରେ ଜଣେ ହାକିମ ଥିଲେ । ମହତାବଜି ଏଠାରେ କିରୀଟ ଭାଇଙ୍କୁ ଦେଖି ଆନନ୍ଦ ସହ ବିସ୍ମୟ ପ୍ରକାଶ କରିବା କଥା ଏ ଲେଖକର ମନେଅଛି ।)

କିନ୍ତୁ ତାଙ୍କ ଜୀବନର ଆଭିମୁଖ୍ୟ ଥିଲା ଆବାଲ୍ୟ ଭିନ୍ନ । ଛାତ୍ର ଜୀବନରେ ସେ ଶ୍ରୀଅରବିନ୍ଦଙ୍କର ''ଦିବ୍ୟଜୀବନ'' ଗ୍ରନ୍ଥ ପଢ଼ିବାକୁ ଆରମ୍ଭ କରିଥିଲେ । କିନ୍ତୁ ଛାତ୍ରାବାସରେ ସହପାଠୀମାନେ ବାରଂବାର ତାଙ୍କ ଏକାଗ୍ରତାରେ ବାଧା ଦେଉଥିଲେ କିଂବା ଅଭିଭାବକ ଦାୟିତ୍ୱରେ ଥିବା ଅଧ୍ୟାପକ ଆସି ସେ ପାଠ୍ୟପୁସ୍ତକ ପଢୁ ନାହାନ୍ତି କାହିଁକି ବୋଲି ପ୍ରଶ୍ନ କରୁଥିଲେ । ତେଣୁ ଦିନେ ଦିନେ ସହରତଳିର ଦୁଇଟି ଛୋଟ ଛୋଟ ଷ୍ଟେସନ ଭିତରେ ଯାତାୟାତ କରୁଥିବା ରେଳଗାଡ଼ିର ଗୋଟିଏ ଡବାରେ କୋଣଟିଏ ଦଖଲ କରି ସେ ''ଦିବ୍ୟଜୀବନ'' ଗ୍ରନ୍ଥ ଅଧ୍ୟୟନରେ ବ୍ୟାପୃତ ରହୁଥିଲେ । ଶ୍ରୀମାଙ୍କର ନିରବ ଆକର୍ଷଣରେ ସେ ମାତ୍ର ବର୍ଷକରୁ କିଞ୍ଚିତ୍ ଅଧିକ କାଳ ପରେ ଚାକିରିରୁ ଇସ୍ତଫା ଦେଇ ଶ୍ରୀଅରବିନ୍ଦ ଆଶ୍ରମକୁ ଚାଲି ଆସିଲେ । ପ୍ରଥମେ ତାଙ୍କୁ ଆଶ୍ରମ ପାଠାଗାରର ତତ୍କାଳୀନ ମୁଖ୍ୟ ଜଣେ ବିଶିଷ୍ଟ ଜର୍ମାନ ସାଧକ ମେଧାନନ୍ଦଙ୍କ ସହକାରୀ ରୂପେ କାର୍ଯ୍ୟ କରିବାର ଦାୟିତ୍ୱ ଦିଆଯାଇଥିଲା । ତା'ପରେ, ୧୯୫୮ ମସିହାରେ ଶ୍ରୀମା ତାଙ୍କୁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ପ୍ରଥମ କୁଳ-ସଚିବ (ରେଜିଷ୍ଟ୍ରାର) ରୂପେ ମନୋନୀତ କଲେ ।

ଶିକ୍ଷାକେନ୍ଦ୍ରର କ୍ରମାଗତ ବିକାଶରେ ତାଙ୍କ ଉଦ୍ୟମର ପଟାନ୍ତର ନଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି ଆଶ୍ରମକୁ ତାଙ୍କର ତୃତୀୟ ଆଗମନ ଅବସରରେ ଶିକ୍ଷାକେନ୍ଦ୍ରର ବ୍ୟବସ୍ଥା ବିଶେଷ ମନୋଯୋଗ ସହକାରେ ଅନୁଧ୍ୟାନ କରି ଅନୁପ୍ରାଣିତ ହୋଇଥିଲେ ଏବଂ କେତେକ ଶୁଭେଚ୍ଛୁଙ୍କ ପରାମର୍ଶ କ୍ରମେ କିରୀଟ ଭାଇଙ୍କୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗରେ ପରାମର୍ଶ ଦାତା ଏବଂ ବିଶେଷ ସଚିବ (Special Secretary) ରୂପେ ଅବସ୍ଥାପିତ କରିଥିଲେ । ''ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ'' (IGNOU) ଭଳି କେତେକ ପ୍ରଗତିଶୀଳ ଦୃଷ୍ଟିକୋଣସମ୍ପନ୍ନ ଉଦ୍ୟମ ପଶ୍ଚାତରେ ଥିଲା କିରୀଟ ଭାଇଙ୍କ ଆଶାବାଦ । ଅବଶ୍ୟ ସରକାରୀ ମହାକଳର ଚରିତ୍ର ଦୃଷ୍ଟିରୁ ତାଙ୍କ ଆଶାବାଦ କେତେଦୂର ସାର୍ଥକ ହେଲା ବା ନହେଲା, ତାହା ଏକ ଭିନ୍ନ ପ୍ରସଙ୍ଗ ।

ପରବର୍ତ୍ତୀ ସମୟରେ ସେ ଯଥାକ୍ରମେ ଭାରତୀୟ ଦର୍ଶନ ଗବେଷଣା ପରିଷଦ (Indian Council for Philosophical Research)ର ସଭାପତି ଏବଂ ଅରୋଭିଲ୍ ଫାଉଣ୍ଡେସନ୍‌ର ସଭାପତି ରୂପେ ଦକ୍ଷତା ସହକାରେ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୧୦ରେ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ ସେ ଗୁଜରାଟ ସରକାରଙ୍କର, ବିଶେଷତଃ ସେ ରାଜ୍ୟର ତଦାନୀନ୍ତନ ମୁଖ୍ୟମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରଧାନ ଶିକ୍ଷା ପରାମର୍ଶଦାତା ଥିଲେ । ଗୁଜରାଟରେ ଏକ ଶିଶୁ ବିଶ୍ୱବିଦ୍ୟାଳୟ (Children's University) ପ୍ରତିଷ୍ଠାର ପରିକଳ୍ପନା ତାଙ୍କର ଅଭିନବ ଉତ୍ସାହରୁ ପ୍ରାଥମିକ ରୂପରେଖ ନେଇଥିଲା, କିନ୍ତୁ ସେ ଅସୁସ୍ଥ ହେବା ଫଳରେ ସେ ପ୍ରକଳ୍ପରୁ ଅବ୍ୟାହତି ନେଇଥିଲେ ।

୧୯୬୩ ଫେବ୍ରୁଆରୀରେ ଏ ଲେଖକକୁ ଆଶ୍ରମରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଶ୍ରୀମା କିରୀଟ ଭାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏହାକୁ ଶିକ୍ଷାକେନ୍ଦ୍ରର ଶିକ୍ଷକ ରୂପେ କାର୍ଯ୍ୟ କରିବାର ବ୍ୟବସ୍ଥା କରିଦେବା ନିମନ୍ତେ । ଆଜି ମଧ୍ୟ ମୋର ମନେଅଛି, କେଡ଼େ ଶ୍ରଦ୍ଧା ଏବଂ ନମ୍ରତା ସହକାରେ କିରୀଟ

ଭାଇ ଏ ଲେଖକକୁ ନେଇ ଦୁଇଟି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଆଗରେ ଉପସ୍ଥାପନ କରିଥିଲେ ।

ସେ ଯାହା ପାଖରେ ସାମାନ୍ୟ ସଦ୍‌ଗୁଣର ଆଭାସ ପାଉଥିଲେ, ତାକୁ ଅକୁଣ୍ଠ ଉତ୍ସାହ ଦେଉଥିଲେ । ନିଜେ ଯେତେ କର୍ମବ୍ୟସ୍ତ ରହିଲେ ମଧ୍ୟ ଅନ୍ୟର ସହାୟତା ନିମନ୍ତେ ତା'ର ଦାୟିତ୍ୱରୁ କିଛି ନିଜ ଉପରକୁ ନେଇଯିବାରେ ସେ ସାମାନ୍ୟ କୁଣ୍ଠାବୋଧ କରୁ ନଥିଲେ । ଏ ଲେଖକ Sri Aurobindo's Action ସଂପାଦନା କରୁଥିଲା । ତିନିମାସ ନିମନ୍ତେ ତାକୁ ଲଣ୍ଡନ ଯିବାକୁ ପଡ଼ିଲା । ବିଳମ୍ବ କରିହୋଇ ନଥା'ନ୍ତା, କାରଣ ଶ୍ରୀଅରବିନ୍ଦ ଜନ୍ମ ଶତବାର୍ଷିକୀ (୧୯୭୨) ପୂର୍ବରୁହିଁ ସେଠାକାର ପୂରା-ସଂଗ୍ରହାଳୟ (Archives)ରୁ କିଛି ତଥ୍ୟ ଆଣିବା ଥିଲା ସେ ଯାତ୍ରାର ଆଭିମୁଖ୍ୟ । ସେତିକିବେଳେ ତିନୋଟି ତଥ୍ୟ ଚିତ୍ର (Documentary) ନିମନ୍ତେ ଚିତ୍ରନାଟ୍ୟ ପ୍ରସ୍ତୁତିର ଦାୟିତ୍ୱ ମଧ୍ୟ ଏହି ଲେଖକ ଉପରେ ନ୍ୟସ୍ତ ଥିଲା । ତହିଁରୁ ପ୍ରଥମ ଦୁଇଟି (Sri Aurobindo : Glimpses of His Life ଏବଂ Glimpses of Sri Aurobindo Ashram)ର କାର୍ଯ୍ୟ ଏ ଲେଖକ ଶେଷ କରି ପ୍ରଯୋଜକ ଶ୍ରୀ ତାରାଚାନ୍ଦ ବରଜାତ୍ୟାଙ୍କୁ ହସ୍ତାନ୍ତର କରିଦେଇଥିଲା । କିନ୍ତୁ ତୃତୀୟଟି (Glimpses of Sri Aurobindo International Centre of Education)ର ଚିତ୍ରନାଟ୍ୟ ପ୍ରସ୍ତୁତ କରିଦେବା ନିମନ୍ତେ ସମୟ ନଥିଲା ।

କେବଳ ଜଣେ ସଦାଶୟ ବନ୍ଧୁହିଁ ଏ ଉଭୟ କାର୍ଯ୍ୟ ସମୟ ନିର୍ଘଣ୍ଟ ଭିତରେ ନିର୍ବାହ କରିବାକୁ ସକ୍ଷମ ବୋଲି ଏ ଲେଖକର ବିଶ୍ୱାସ ଥିଲା, ସେ ହେଲେ କିରୀଟ ଭାଇ । ତାଙ୍କୁ ଅନୁରୋଧ କରିବା ମାତ୍ରେ ସେ ସସ୍ମିତ ସମ୍ମତି ଦେଲେ – ଯେହେତୁ ସେ ମୋ ଲଣ୍ଡନ-ଯାତ୍ରାର ବିଶେଷତା ହୃଦୟଙ୍ଗମ କରିଥିଲେ । ମୋ ଅନୁପସ୍ଥିତି ସମୟତକ ସେ Actionର ସଂପାଦନା କାର୍ଯ୍ୟ ସୁଚାରୁରୂପେ ତୁଲାଇଲେ; ଶିକ୍ଷାକେନ୍ଦ୍ର ଉପରେ ତାଙ୍କ ପ୍ରସ୍ତୁତ ଲିପିଟି ମଧ୍ୟ ହୋଇଥିଲା ଅତି ସୁନ୍ଦର ।

ଇହ ଜୀବନର ଶେଷ ସପ୍ତାହ ପର୍ଯ୍ୟନ୍ତ ତାଙ୍କ ବୁଦ୍ଧି ଓ ବିଚାର ଶକ୍ତି ସମ୍ପୂର୍ଣ୍ଣ ଅକ୍ଷତ ଥିଲା । ପ୍ରତିମାସ Mother India ରେ "Sri Aurobindo : Life and Times of the Mahayogi" ପଢ଼ିସାରି ସେ ଫୋନ୍ ଯୋଗେ ଲେଖକକୁ ବଧେଇ ଜଣାଇବାରେ ବ୍ୟତିକ୍ରମ କରୁ ନ ଥିଲେ । ପରଲୋକ-ଗମନର ପୂର୍ବମାସ ପର୍ଯ୍ୟନ୍ତ ସେ ଏହା କରିଥିଲେ । ବିମଳ ସେ ଶୁଭେଚ୍ଛା; ଅକୃତ୍ରିମ ସେ ସୌହାର୍ଦ୍ଦ୍ୟ ।

କିରୀଟ ଯୋଶୀ ନାମ ଓ ଆନୁଷଙ୍ଗିକ ପରିଚୟ ବହନକାରୀ ଏ ଜୀବନ ଉପରେ ଯବନିକା ଆନତ ହୋଇ ଆସିବା ସମ୍ପର୍କରେ ସେ ସଚେତନ ଥିଲେ । କିନ୍ତୁ ସେଥି ପାଇଁ ବିଷଣ୍ଣତା ତ ଦୂରର କଥା, ସାମାନ୍ୟ ଭାବନା ମଧ୍ୟ ତାଙ୍କ ଚେତନାରେ ରେଖାପାତ କରି ନଥିଲା । ଏ ଲେଖକକୁ ତାଙ୍କ ଇଚ୍ଛାପତ୍ରର ଏକ ନକଲ ହସ୍ତାନ୍ତର କଲାବେଳେ ସେ ନିଜ ଅନ୍ତର୍ବୋଧର ସୂଚନା ଦେଇଥିଲେ – ସମାନ ସ୍ମିତହସ ଓ ସୌଜନ୍ୟ ସହକାରେ ।

ଏ ଲେଖକ ତତ୍‌କ୍ଷଣାତ୍ ଅନୁଭବ କରିଥିଲା – ସେ ସ୍ମିତହସ ଓ ସୌଜନ୍ୟ ପଶ୍ଚାତରେ ନିହିତ ବେଶ୍ କେତେକ ପୂର୍ବଜନ୍ମର ସୁକୃତି ଓ ସାଧନା ।

ଚଳିତବର୍ଷ ସେପ୍‌ଟେମ୍ବର ୧୪ ତାରିଖ ପ୍ରଭାତରେ ଏହି ଦୁର୍ଲଭ ପର୍ଯ୍ୟାୟର ଧୀମାନ୍ ଆଶ୍ରମ ସେବାସଦନରେ ଚିରବିଦାୟ ନେଲେ ।

– **ମନୋଜ ଦାସ** ❑

*ପ୍ରଶ୍ନ : ଆତ୍ମାର ସୁଖ ନିମନ୍ତେ ଆମେ କ'ଣ କରିବା ଉଚିତ, ଯାହା ଫଳରେ ଏହା ଉତ୍ତମ ଅବସ୍ଥା ମଧ୍ୟରେ ଅର୍ଥାତ୍ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପୁନର୍ଜନ୍ମ ଗ୍ରହଣ କରିପାରିବ ?*

ଶ୍ରୀମା : ତା' ଲାଗି ଆଦୌ ଦୁଃଖ କରନା, ଖୁବ୍ ଶାନ୍ତ ଓ ସ୍ଥିର ରୁହ ଏବଂ ତା' ସହ ପରଲୋକଗତ ବ୍ୟକ୍ତି ସମ୍ପର୍କରେ ଏକ ସ୍ନେହ ସଦିଚ୍ଛାପୂର୍ଣ୍ଣ ସ୍ମରଣକୁ ନିଜ ମଧ୍ୟରେ ଧାରଣ କର ।